# କମ୍ୟୁନିଷ୍ଟ ଇସ୍ତାହାରର ୧୬୦ ବର୍ଷ

## କମ୍ୟୁନିଷ୍ଟମାନେ ଏକ ସ୍ୱତନ୍ତ୍ର ଦଳ ନୁହଁନ୍ତି

"ଶ୍ରମିକଶ୍ରେଣୀ ପାଇଁ କାର୍ଯ୍ୟରତ ଥିବା ଅନ୍ୟ ଦଳଗୁଡିକ ବିରୁଦ୍ଧରେ କମ୍ୟୁନିଷ୍ଟମାନେ ନିଜେ ଏକ ସ୍ୱତନ୍ତ୍ର ଦଳ ଗଢିବାକୁ ଚାହାଁନ୍ତି ନାହିଁ । ସେମାନଙ୍କର ଏପରି କୌଣସି ସ୍ୱାର୍ଥ ନାହିଁ, ଯାହାକି ଶ୍ରମିକଶ୍ରେଣୀର ସାମଗ୍ରୀକ ସ୍ୱାର୍ଥ ଠାରୁ ନିଆରା ବା ସ୍ୱତନ୍ତ୍ର । ଶ୍ରମିକଶ୍ରେଣୀର ଆନ୍ଦୋଳନ କିଭାବେ ଗଢି ଉଠିବ ବା ଏହାର ରୂପରେଖ କ'ଣ ହେବ, ଏହାକୁ ନେଇ ସେମାନେ ନିଜର କୌଣସି ନିଆରା ନୀତି ଘୋଷଣା କରିନଥାନ୍ତି", ଏହା ହିଁ ଥିଲା ୧୬୦ ବର୍ଷ ତଳେ, ଫେବୃଆରି, ୧୮୪୮ରେ ଲଣ୍ଡନରେ ପ୍ରକାଶିତ ଆନ୍ତର୍ଜାତିକ କମ୍ୟୁନିଷ୍ଟ ଆନ୍ଦୋଳନର ଆଦିଗ୍ରନ୍ଥ 'କମ୍ୟୁନିଷ୍ଟ ଇସ୍ତାହାର'ର ଦ୍ୱିତୀୟ ଅଧ୍ୟାୟ (ଶ୍ରମିକ ଶ୍ରେଣୀ ଓ କମ୍ୟୁନିଷ୍ଟ)ରେ ଏହାର ରଚୟିତା କାର୍ଲ ମାର୍କ୍ସ (୧୮୧୮-୧୮୮୩) ଓ ଫ୍ରେଡ୍ରିକ୍ ଏଙ୍ଗେଲସ୍(୧୮୨୦-୧୮୯୫)ଙ୍କ ସଶକ୍ତ ଅଙ୍ଗୀକାର । କିନ୍ତୁ ଇତିହାସର ବିଡମ୍ବନା, ଏହି ଦୁଇ ବିପ୍ଳବୀ ଚିନ୍ତାନାୟକଙ୍କ ଅନ୍ତେ ପୃଥିବୀରେ ଯେତେସବୁ କମ୍ୟୁନିଷ୍ଟ ଦଳ ଗଢା ହୋଇଛି, ସେମାନେ ଉପରୋକ୍ତ ମୌଳିକ ଶିକ୍ଷାକୁ କେବଳ ଯେ ଭୁଲି ଯାଇଛନ୍ତି ତାହା ନୁହେଁ, ଏହାର ନଗ୍ନ ଉଲ୍ଲଂଘନ ଘଟାଇଛନ୍ତି ଏବଂ ଘଟାଇ ଚାଲିଛନ୍ତି । ଉଦାହରଣ ସ୍ୱରୂପ, ଆମ ଦେଶରେ କମ୍ୟୁନିଷ୍ଟ ଦଳ ଗଢା ହେବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା ଗତ ଶତାବ୍ଦୀର ତୃତୀୟ ଦଶନ୍ଧିରୁ । ଠିକ୍ ଯେପରି ଗୋଟିଏ ଜୀବକୋଷ କ୍ରମ-ବିଭାଜନ ପ୍ରକ୍ରିୟାରେ ଅନେକ କୋଷରେ ପରିଣତ ହୁଅନ୍ତି ଏବଂ ତନ୍ମଧ୍ୟରୁ କେତେକ କୋଷ ବିଲୁପ୍ତ ହୋଇଯାନ୍ତି, ସେହିପରି ଯଥା ଭିତରେ ଅନେକ ଦଳ ନିଜକୁ କମ୍ୟୁନିଷ୍ଟ ବୋଲି ଦାବୀ କରି ମୁଣ୍ଡ ଟେକିଛନ୍ତି ଏବଂ ସେମାନଙ୍କ ଭିତରୁ କେତେକ ଦଳ ନିଜେ ତିଷ୍ଠି ନରହିପାରି ଅନ୍ୟ ଦଳରେ ସମ୍ମିଶ୍ରିତ ହୋଇ ଯାଇଛନ୍ତି ଅଥବା ଅବଲୁପ୍ତ ହୋଇଯାଇଛନ୍ତି । କିନ୍ତୁ ଲକ୍ଷ୍ୟ କରାଯାଇଛି, ଯେତେବେଳେ ଅନ୍ୟ କମ୍ୟୁନିଷ୍ଟ ଦଳ ଥିବା ସତ୍ତ୍ୱେ ପୁଣି ଏକ ନୂଆ କମ୍ୟୁନିଷ୍ଟ ଦଳ ଗଢାଯାଏ, ସେତେବେଳେ ନୂଆ ଦଳଟି ଦାବୀ କରିଥାଏ ଯେ, ଉପସ୍ଥିତ କମ୍ୟୁନିଷ୍ଟ ଦଳମାନେ ମାର୍କ୍ସବାଦର ସଠିକ୍ ଲାଇନ୍ ଅନୁସରଣ କରୁନଥିବାରୁ ନୂଆ ଦଳ ଗଢିବାର ଐତିହାସିକ ପ୍ରୟୋଜନ ଦେଖାଦେଲା । ତା'ପରେ ଆରମ୍ଭ ହୋଇଯାଏ ଲାଲ୍‌ଧ୍ୱଜାଧାରୀ ଉଭୟ ପୁରୁଣା ଓ ନୂଆ ଦଳ ଭିତରେ ଅସରନ୍ତି ଖଣ୍ଡଯୁଦ୍ଧ, ଏବଂ ଏହା ସୀମିତ ରହେନି କେବଳ ଗଣମାଧ୍ୟମ ବା ପ୍ରଚାର-ସାହିତ୍ୟରେ ବୌଦ୍ଧିକ ବିତର୍କ ନାଁରେ ପରସ୍ପରକୁ ଗାଳିଗୁଲଜ କରିବା ଭିତରେ, ବରଂ ବ୍ୟାପି ଯାଏ ରାଜରାସ୍ତାରେ ପିସ୍ତଲ ଓ ବୋମା ସାହାଯ୍ୟରେ ପରସ୍ପରକୁ ନିଃଶେଷ କରିବାର ଅଭିଯାନ ପର୍ଯ୍ୟନ୍ତ । ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଗୋଟିଏ ପଟରେ ଜୋସେଫ୍ ଷ୍ଟାଲିନ୍(୧୮୭୮-୧୯୫୩)ଙ୍କ ଅନୁପନ୍ଥୀ ତୃତୀୟ ଆନ୍ତର୍ଜାତିକ (୧୯୧୯-୧୯୩୫) ଏବଂ ଅନ୍ୟପଟରେ ଲିଅନ୍ ଟ୍ରଟ୍‌ସ୍କି (୧୮୭୯-୧୯୪୦)ଙ୍କ ଅନୁପନ୍ଥୀ ଚତୁର୍ଥ ଆନ୍ତର୍ଜାତିକ (୧୯୩୮ରେ ଗଠିତ)ର ଅଂଶୀଦାର ଦଳମାନଙ୍କ ଭିତରେ ଲଗାତାର କନ୍ଦଳ ବେଳେବେଳେ ଅତ୍ୟନ୍ତ ଜଘନ୍ୟ ଓ ହିଂସ୍ରରୂପରେ ବିସ୍ଫୋରିତ ହେଉଥିଲା, ଏକଥା ବିଶ୍ୱବାସୀଙ୍କର ସ୍ମରଣ ଥିବ । ଚୀନ୍‌ରେ ମାଓ ସେତୁଂ(୧୮୯୩-୧୯୭୬)ଙ୍କ ଆହ୍ୱାନ୍‌ରେ ପରିଚାଳିତ ସାଂସ୍କୃତିକ ବିପ୍ଳବ (୧୯୬୬-୭୬) ଆଢୁଆଳରେ ଯେପରି ଲିଉ ସାଉଚି(୧୮୯୮-୧୯୬୯) ଓ ଡେଙ୍ଗ ସିଆଓ ପିଙ୍ଗ୍ (୧୯୦୪-୯୭) ଓ ସେମାନଙ୍କ ଅନୁପନ୍ଥୀମାନଙ୍କ ବିରୁଦ୍ଧରେ ଷଡଯନ୍ତ୍ର ଓ ଆକ୍ରମଣ କରାଯାଇଥିଲା, ତାହା ମଧ୍ୟ ବିଶ୍ୱବାସୀଙ୍କର ସ୍ମରଣ ଥିବ । ପ୍ରଶ୍ନ ଉଠୁଛି, ଗୋଟିଏ ଝଣ୍ଡା (ଲାଲ୍ ଝଣ୍ଡା), ଗୋଟିଏ ଉଦ୍‌ବୋଧନୀ ସଂଗୀତ (ଆନ୍ତର୍ଜାତିକ), ଗୋଟିଏ ସମ୍ବୋଧନ (କମ୍ରେଡ୍), ଗୋଟିଏ ସଲାମ୍ (ଲାଲ୍ ସଲାମ୍) ତଥା ଗୋଟିଏ ଗୁରୁ ପରମ୍ପରା (ମାର୍କ୍ସ ଓ ଏଙ୍ଗେଲସ୍)କୁ ଏମାନେ ସମସ୍ତେ ମାନୁଥିବା ବେଳେ ପାରସ୍ପରିକ ଆଚରଣ କ୍ଷେତ୍ରରେ ଏଭଳି ପାଶବିକ ସ୍ତରକୁ ଖସି ଯାଉଛନ୍ତି କିପରି ? ଏହାର ଏକମାତ୍ର ସରଳ ଉତ୍ତର ହେଲା, ତଥାକଥିତ ଅକ୍ଟୋବର ବିପ୍ଳବ(୧୯୧୭)ର ମହାନାୟକ ବଲ୍‌ଶେଭିକ୍ ନେତା ଭି.ଆଇ.ଲେନିନ୍ (୧୮୭୦-୧୯୨୪)ଙ୍କ ସମେତ କୌଣସି କମ୍ୟୁନିଷ୍ଟ ନେତା କମ୍ୟୁନିଷ୍ଟ ଇସ୍ତାହାରର ଉପରୋକ୍ତ ଲକ୍ଷ୍ମଣଗାରକୁ ସମ୍ମାନ ଜଣାଇନହାନ୍ତି, ଅର୍ଥାତ୍ ଏକ ବା ଏପରିକି ଏକାଧିକ ଶ୍ରମିକଶ୍ରେଣୀ ଦଳ ଥିବା ସତ୍ତ୍ୱେ ନିଜେ କିଛି ଲୋକଙ୍କୁ ନେଇ ଏକ ନୂଆ ଦଳ ଗଢିଛନ୍ତି, ଏବଂ ମତାଦର୍ଶଗତ ବିତର୍କ ନାଁରେ ନିଜ ଦଳକୁ ଏକମାତ୍ର ସଚ୍ଚା କମ୍ୟୁନିଷ୍ଟ ବୋଲି କହି ଅନ୍ୟକୁ ଭଣ୍ଡ ସାବ୍ୟସ୍ତ କରିବାର ସଂକୀର୍ଣ୍ଣତାବାଦୀ ଦଉଡରେ ମାତିଯାଇଛନ୍ତି । ଏହା ଫଳରେ କେବଳ କମ୍ୟୁନିଷ୍ଟମାନେ ଯେ ପରସ୍ପରର ଶତ୍ରୁରେ ପରିଣତ ହୋଇଛନ୍ତି, ତାହା ନୁହେଁ, ଜୀବନ-ଜୀବିକାକୁ କେନ୍ଦ୍ର କରି ଶ୍ରମଜୀବି ଜନସାଧାରଣଙ୍କ ମଧ୍ୟରେ ଗଢି ଉଠିଥିବା ସ୍ୱାଭାବିକ ଏକତାକୁ ବିଭେଦଗ୍ରସ୍ତ କରିଚାଲିଛନ୍ତି ।

## କମ୍ୟୁନିଷ୍ଟ ଦଳ ଓ ଶ୍ରମିକ ଶ୍ରେଣୀ ଏକ ଓ ଅଭିନ୍ନ ନୁହଁନ୍ତି

କମ୍ୟୁନିଷ୍ଟ ଇସ୍ତାହାରର ଦ୍ୱିତୀୟ ଅଧ୍ୟାୟରେ ପୁଣି କୁହାଯାଇଛି, "ଅନ୍ୟ ସମସ୍ତ ଶ୍ରମିକ ଦଳମାନଙ୍କ ଭଳି କମ୍ୟୁନିଷ୍ଟ ମାନଙ୍କର ଆଶୁ ଲକ୍ଷ୍ୟ ହେଉଛି, ସବୁ ଶ୍ରମଜୀବି ଜନତାଙ୍କୁ ଏକ ଅବିଭକ୍ତ ଶ୍ରେଣୀରେ ପରିଣତ କରିବା, ପୁଂଜିପତି ଶ୍ରେଣୀର ରାଜୁତିକୁ ଉତ୍‌ଖାତ କରିବା ତଥା ଶ୍ରମିକ ଶ୍ରେଣୀକୁ ରାଜନୈତିକ କ୍ଷମତାର ଅଧିକାରୀ କରାଇବା" । ପାଠକେ ସୂକ୍ଷ୍ମଭାବେ ଲକ୍ଷ୍ୟ କଲେ ଜାଣି ପାରିବେ ଯେ, ଏଠାରେ ଶ୍ରମିକଶ୍ରେଣୀକୁ କ୍ଷମତାସୀନ କରାଇବା କଥା କୁହାଯାଇଛି, କମ୍ୟୁନିଷ୍ଟମାନେ କିମ୍ବା କମ୍ୟୁନିଷ୍ଟ ଦଳ ନିଜେ କ୍ଷମତାସୀନ ହେବା କଥା କୁହାଯାଇନି; ଏହାର ଆହୁରି ଏକ ସରଳାର୍ଥ ହେଉଛି, କମ୍ୟୁନିଷ୍ଟମାନେ ନିଜେ କ୍ଷମତାକୁ ନଯାଇ ଶ୍ରମିକଶ୍ରେଣୀକୁ ଏକଜୁଟ୍ ଓ କ୍ଷମତାଶାଳୀ କରାଇବା ହେଉଛି ସେମାନଙ୍କର ପରମ କର୍ତ୍ତବ୍ୟ । ଏବଂ ଏହା ଏକ ସାଧାରଣ ଜ୍ଞାନ ଯେ, ଗୋଟିଏ କମ୍ୟୁନିଷ୍ଟ ଦଳ ଶ୍ରମିକଶ୍ରେଣୀ କଥା  କହିପାରନ୍ତି, କିନ୍ତୁ ନିଜେ ଶ୍ରମିକ ଶ୍ରେଣୀ ନୁହଁନ୍ତି । ଦଳ ଓ ଶ୍ରେଣୀ ଭିତରେ ଆକାଶ ପାତାଳ ଫରକ୍ ରହିଛି । ଦଳ ସର୍ବଦା ସମୁଦାୟ ଶ୍ରେଣୀର ମୁଷ୍ଟିମେୟ, ସଂଖ୍ୟାଲଘୁ ଗୋଷ୍ଠୀକୁ ନେଇ ଗଠିତ ହୋଇଥାଏ । ତେଣୁ ଗୋଟିଏ ଶ୍ରମିକ ଶ୍ରେଣୀ ଦଳ ବା କମ୍ୟୁନିଷ୍ଟ ଦଳ କ୍ଷମତାସୀନ ହୋଇଗଲେ ସମୁଦାୟ ଶ୍ରମିକଶ୍ରେଣୀ ଆପେଆପେ କ୍ଷମତାସୀନ ହୋଇଗଲା ବୋଲି ଭାବିନେବା ଏକ ଭ୍ରାନ୍ତ ଧାରଣା । କିନ୍ତୁ ଇସ୍ତାହାର ପ୍ରକାଶ ପାଇବାର ଗତ ୧୬୦ବର୍ଷ ଭିତରେ କ'ଣ ଦେଖାଗଲା ? ଋଷିଆ, ପୂର୍ବ ଇଉରୋପୀୟ ରାଷ୍ଟ୍ରସମୂହ, ଚୀନ୍ ଓ କ୍ୟୁବା ଇତ୍ୟାଦି ଦେଶଗୁଡିକରେ ଘଟଣାପ୍ରବାହରେ କମ୍ୟୁନିଷ୍ଟ ଦଳମାନେ ହିଁ କେଉଁଠି ପୁଂଜିବାଦ ବିରୁଦ୍ଧରେ ତ ଆଉ କେଉଁଠି ସାମନ୍ତବାଦ ବା ସାମ୍ରାଜ୍ୟବାଦ ବିରୁଦ୍ଧରେ କଥା କହି ନିଜେ ରାଷ୍ଟ୍ରକ୍ଷମତା ଦଖଲ କଲେ ଓ କେବଳ ସେତିକି ନୁହେଁ, ନିଜର ନିରଙ୍କୁଶ ଶାସନକୁ ବଜାୟ ରଖିବା ପାଇଁ କେବଳ ନିଜର ରାଜନୈତିକ ପ୍ରତିପକ୍ଷମାନଙ୍କୁ ଯେ ଶ୍ରେଣୀ ଶତ୍ରୁ କହି ସଶସ୍ତ୍ର ଦମନ କଲେ ତାହା ନୁହେଁ, ଶ୍ରମିକଶ୍ରେଣୀ ଓ ସାଧାରଣ ଜନତାଙ୍କର ମାନବାଧିକାର ପାଇଁ ବିଭିନ୍ନ

ଆନ୍ଦୋଳନ ଉପରେ ମଧ୍ୟ ଅକଥନୀୟ କଟକଣା ଓ ଅତ୍ୟାଚାର ମଧ୍ୟ ବଜାୟ ରଖିଲେ । ଏବେକାର କମ୍ୟୁନିଷ୍ଟ ଦଳ ମାନଙ୍କର ମହାଗୁରୁ ଖୋଦ୍ ଲେନିନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଗୁପ୍ତ ପୋଲିସ୍ ସଂସ୍ଥା 'ଚେକା' ଦ୍ୱାରା ଋଷିଆରେ ୧୯୧୮ରୁ ୨୨ ଭିତରେ ପ୍ରାୟ ଦୁଇ ଲକ୍ଷ ଅଶୀ ହଜାର ସରକାର-ବିରୋଧୀ ଲୋକଙ୍କୁ ନିର୍ବିଚାରରେ ହତ୍ୟା କରାଯାଇଥିବାର ଐତିହାସିକ ପ୍ରମାଣ ରହିଛି । କମ୍ୟୁନିଷ୍ଟ ଦଳର ଶାସନ ଯେ ଶ୍ରମିକ ଶ୍ରେଣୀର ଶାସନ ନଥିଲା, ତାହାର ଅକାଟ୍ୟ ପ୍ରମାଣ ବିଶ୍ୱବାସୀଙ୍କୁ ମିଳିଲା ଗତ ୯୦ଦଶନ୍ଧିର ପ୍ରାରମ୍ଭରେ, ଯେତେବେଳେ କି ଯେଉଁ ଶ୍ରମିକଶ୍ରେଣୀ ଦିନେ କମ୍ୟୁନିଷ୍ଟ ଦଳମାନଙ୍କୁ ଋଷିଆ ଓ ପୂର୍ବ ଇଉରୋପୀୟ ଦେଶଗୁଡିକରେ କ୍ଷମତାସୀନ ହେବାରେ ପ୍ରବଳ ଉତ୍ସାହ ଦେଖାଇଥିଲା, ସେହି ଶ୍ରେଣୀ ହିଁ ସେତିକି ଉତ୍ସାହ ସହକାରେ ଏହି ଦଳମାନଙ୍କୁ ଗାଦିଚ୍ୟୁତ କରାଇଲା । କମ୍ୟୁନିଷ୍ଟ ଦଳର ଶାସନ ମାନେ ହିଁ ଶ୍ରମିକ ଶ୍ରେଣୀର ଶାସନ- ଏହି ଯେଉଁ ସହଜିଆ ଅଥଚ ବିପଜ୍ଜନକ ସମୀକରଣ ସମଗ୍ର ବିଶ୍ୱର ବୌଦ୍ଧିକ ଜଗତକୁ ଆଚ୍ଛନ୍ନ କରିରଖିଥିଲା, ତାହା ତତ୍‌କ୍ଷଣାତ୍ ଇତିହାସର ଅମୋଘ ନିୟମରେ ପାଣିବୁନ୍ଦା ଭଳି ମିଳେଇଗଲା । ମନେ ହେଲା, ମାର୍କ୍ସ ଓ ଏଙ୍ଗେଲସ୍ ସତେ ଯେପରି ନିଜନିଜ କବର ଭିତରୁ ବାହାରି ଆସି ବର୍ତ୍ତମାନର କମ୍ୟୁନିଷ୍ଟମାନଙ୍କୁ ସବିଦ୍ରୁପ ଚେତାବନୀ ଦେଇଗଲେ, 'ହେ କମ୍ୟୁନିଷ୍ଟଗଣ, ଆମେ କମ୍ୟୁନିଷ୍ଟ ଇସ୍ତାହାରରେ ସ୍ୱଷ୍ଟଭାବେ କହିଥିଲୁ, ତୁମେମାନେ ନିଜେ କ୍ଷମତାକୁ ନଯାଇ ଶ୍ରମିକଶ୍ରେଣୀଙ୍କୁ କ୍ଷମତାସୀନ କରାଇବ; କିନ୍ତୁ ତୁମେମାନେ ଏହାର ଓଲଟା କାମ କଲ; ନିଜ ଦଳକୁ କ୍ଷମତାସୀନ କରିବା ସହିତ ନିଜେ ଜଣେଜଣେ ରାଷ୍ଟ୍ରମୁଖ୍ୟ ଅବା ମନ୍ତ୍ରୀ ବନିଲ; ତେଣୁ ଅବଶ୍ୟମ୍ଭାବୀ ହିଁ ଘଟିଲା; ଇତିହାସର ପ୍ରକୃତ ନାୟକ, ଶ୍ରମଜୀବି ଜନସାଧାରଣ ତୁମକୁ କ୍ଷମତାଚ୍ୟୁତ କରାଇ ଉଚିତ୍ ଶିକ୍ଷା ଦେଲେ' ।

**କମ୍ୟୁନିଷ୍ଟମାନେ ହେଉଛନ୍ତି ତାତ୍ତ୍ୱିକ ମାର୍ଗଦର୍ଶୀ**

ପ୍ରଶ୍ନ ଉଠିପାରେ, ଯଦି କମ୍ୟୁନିଷ୍ଟମାନେ ନିଜେ କ୍ଷମତାକୁ ଯିବେନି କି ସରକାରୀ କାର୍ଯ୍ୟ ପ୍ରତ୍ୟକ୍ଷଭାବେ ବୁଝାଶୁଝା କରିବେନି ତେବେ ସେମାନେ କରିବେ କ'ଣ ? ଏହାର ଏକ ସୁସ୍ପଷ୍ଟ ଉତ୍ତର ମଧ୍ୟ କମ୍ୟୁନିଷ୍ଟ ଇସ୍ତାହାରର ଦ୍ୱିତୀୟ ଅଧ୍ୟାୟରେ ଏହିଭଳି ସ୍ଥାନ ପାଇଛି, "ଗୋଟିଏ ପଟରେ ଯେ କୌଣସି ଦେଶର ଶ୍ରମିକଶ୍ରେଣୀ ଦଳଗୁଡିକ ଭିତରେ କମ୍ୟୁନିଷ୍ଟମାନେ ହିଁ ହେଉଛନ୍ତି ସବୁଠୁଁ ଅଗ୍ରଦର୍ଶୀ ଏବଂ ସଂକଳ୍ପବଦ୍ଧ ଗୋଷ୍ଠୀ, ଯେ କି ଅନ୍ୟସମସ୍ତଙ୍କୁ ଆଗକୁ ଯିବା ପାଇଁ ପ୍ରୋତ୍ସାହନ ଦେଇଥାନ୍ତି; ଏବଂ ଅନ୍ୟ ପଟରେ ଶ୍ରମିକ ଆନ୍ଦୋଳନର ଗତିଧାରା, ଅବସ୍ଥା ତଥା ଅନ୍ତିମ ଓ ସାଧାରଣ ଫଳାଫଳକୁ ଠିକ୍ ଭାବେ ଆକଳନ କରିବା ବ୍ୟାପାରରେ ବିଶାଳ ଶ୍ରମଜୀବି ଜନସାଧାରଣଙ୍କ ତୁଳନାରେ ସେମାନଙ୍କର ଏକ ତାତ୍ତ୍ୱିକ ଉତ୍‌କର୍ଷ ରହିଛି" । ଏହାର ସରଳାର୍ଥ ହେଲା, କମ୍ୟୁନିଷ୍ଟ ମାନେ ଅଗ୍ରଦର୍ଶୀ ଭାବେ ପଛରେ ରହି ଶ୍ରମିକଶ୍ରେଣୀକୁ ଆଗକୁ ଠେଲିବେ, କିନ୍ତୁ ଶ୍ରମିକଶ୍ରେଣୀର ନେତା ସାଜି ଶ୍ରମିକଶ୍ରେଣୀକୁ ନିଜର ଗୋଡାଣିଆ କରିବେ ନାହିଁ । କିନ୍ତୁ ଗତ ୧୬୦ବର୍ଷ ଭିତରେ ଆମେ କ'ଣ ଦେଖିଲେ ? ବିଭିନ୍ନ ଦେଶରେ କମ୍ୟୁନିଷ୍ଟ ଦଳର ନେତାମାନେ କେଉଁଠି ସାମରିକ ଶାସନ ବଳରେ ତ ଆଉ କେଉଁଠି ଭୋଟ୍‌ରେ ଠିଆ ହୋଇ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରମୁଖ୍ୟ ଇତ୍ୟାଦି ପଦବୀକୁ ନିଜେ ମଣ୍ଡନ କଲେ ଏବଂ ନିଜ ଦଳ, ସରକାର ଏବଂ ନିଜ ସପକ୍ଷରେ ତାଳିମାଡ ଓ ଜିନ୍ଦାବାଦ ଯୋଗାଡ କରିବାକୁ ଯାଇ ଶ୍ରମିକମାନଙ୍କୁ କେବଳ ଗୋଡାଣିଆ ରଖି ରଖିଲେ । ଏହିପରି କମ୍ୟୁନିଷ୍ଟ ନେତାମାନେ କମ୍ୟୁନିଷ୍ଟ ଇସ୍ତାହାର ଅନୁଯାୟୀ ତାତ୍ତ୍ୱିକ କ୍ଷେତ୍ରରେ ଶ୍ରମଜୀବି ଜନତା ପାଇଁ ଅଗ୍ରଦର୍ଶୀ ହେବା ପରିବର୍ତ୍ତେ ଚଳନ୍ତି କ୍ଷମତା ରାଜନୀତିର ଦଉଡରେ ନିଜେ ଅଗ୍ରଗାମୀ ହେବାର ଅଦମ୍ୟ ନିଶାରେ ମତୁଆଲ୍ ରହିଲେ । ଏହାର ପରିଣତି ସ୍ୱରୂପ ପୁଣି ଦେଖାଗଲା ଯେ, ଯେଉଁ କମ୍ୟୁନିଷ୍ଟ ନେତା ଥରେ ଦଳର କି ରାଷ୍ଟ୍ରର ମୁଖ୍ୟ ହୋଇଗଲା ସେ ଅତିଶୟ ବୃଦ୍ଧାବସ୍ଥାରେ ପହଞ୍ଚିବା ସତ୍ତ୍ୱେ ସେହି ପଦବୀକୁ ହାତଛଡା କରିବାକୁ ନାରାଜ । କେବଳ ଅକାଳ ବା ଅତିଶୟ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ବା ଅଥର୍ବତା କାରଣରୁ ନଚେତ୍ ଅଦମନୀୟ ଜନବିଦ୍ରୋହର ଚାପ ସମ୍ମୁଖରେ ନିଜର ନିସହାୟତା ଯୋଗୁଁ ସେହି ନେତାମାନେ ତାଙ୍କର ପଦବୀକୁ ଛାଡିବା ପାଇଁ ବାଧ୍ୟ ହୋଇଥାନ୍ତି । ବର୍ଷବର୍ଷ ଧରି ମତାନ୍ଧତା ଏବଂ ଅନ୍ଧାନୁଗତ୍ୟର ବଳୟ ଭିତରେ ଆବଦ୍ଧ ରହି ସେମାନେ ନିଜକୁ ଶ୍ରମିକଶ୍ରେଣୀ ଓ କମ୍ୟୁନିଷ୍ଟ ଦଳ ପାଇଁ ଅପରିହାର୍ଯ୍ୟ ବୋଲି ଭାବି ନିଅନ୍ତି; ସତେ ଯେପରି ସମଗ୍ର ସୃଷ୍ଟିରେ ତାଙ୍କ ଭଳି କେହି ନଥିଲେ ବା କେହି ଆଉ ଆସିବେନି, ଏବଂ ତାଙ୍କ ଅନ୍ତେ କେବଳ ମହାପ୍ରଳୟ ଅନିବାର୍ଯ୍ୟ । ବର୍ତ୍ତମାନ ସମୟରେ ଏହି ରୁଗ୍‌ଣ ଆତ୍ମବଡିମା ଓ କ୍ଷମତାନ୍ଧତାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ୮୨ବର୍ଷୀୟ ଫିଡେଲ୍ କାଷ୍ଟ୍ରୋ, ଯେ କି ୧୯୫୯ଠାରୁ ଏଯାବତ୍ କ୍ୟୁବାର ରାଷ୍ଟ୍ରମୁଖ୍ୟ ରହିଆସିଛନ୍ତି ଏବଂ ବାର୍ଦ୍ଧକ୍ୟ ଏବଂ କର୍କଟ ରୋଗରେ ପୀଡିତ ହୋଇ ଚଲାବୁଲା କରିବାର ସାମର୍ଥ୍ୟ ହରାଇଥିବା ସତ୍ତ୍ୱେ ଚଳିତ ନିର୍ବାଚନରେ ପୁଣି ରାଷ୍ଟ୍ରପତି ପଦବୀ ପାଇଁ ପ୍ରାର୍ଥୀ ହୋଇଛନ୍ତି । ମନେହୁଏ ଏହିସବୁ ପ୍ରକାଣ୍ଡ କମ୍ୟୁନିଷ୍ଟ ନେତାମାନେ କମ୍ୟୁନିଷ୍ଟ ଇସ୍ତାହାରର ଉପରୋକ୍ତ ମୌଳିକ ଶିକ୍ଷା- ମାର୍ଗଦର୍ଶୀ ଭାବେ ଅନ୍ୟମାନଙ୍କୁ ଆଗେଇଯିବା ପାଇଁ ପ୍ରୋତ୍ସାହନ ଦେବା- କୁ ଠିକ୍‌ରୂପେ ବୁଝି ପାରିନାହାନ୍ତି ବା ଜାଣିଶୁଣି ଉପେକ୍ଷା କରିଛନ୍ତି ।

**କମ୍ୟୁନିଷ୍ଟମାନଙ୍କର ମୌଳିକ କର୍ତ୍ତବ୍ୟ**

ଇସ୍ତାହାରର ୪ର୍ଥ ଓ ଶେଷ ଅଧ୍ୟାୟରେ ଅନ୍ୟସମସ୍ତ ବିରୋଧି ଦଳମାନଙ୍କ ସହିତ କମ୍ୟୁନିଷ୍ଟମାନଙ୍କର ସଂପର୍କ ବିଷୟରେ ଅବତାରଣା କରାଯାଇଛି । "ସେମାନେ ସମସ୍ତ ଦେଶର ଗଣତାନ୍ତ୍ରିକ ଦଳଗୁଡିକଭିତରେ ଏକତା ଓ ସହମତି ଗଢିତୋଳିବା ପାଇଁ ଉଦ୍ୟମ କରିବେ । କମ୍ୟୁନିଷ୍ଟମାନେ ନିଜର ଚିନ୍ତା ଏବଂ ଲକ୍ଷ୍ୟକୁ ଗୋପନ ରଖିବାକୁ ଘୃଣା କରନ୍ତି । ସେମାନେ ଖୋଲାଖୋଲି ଘୋଷଣା କରନ୍ତି ଯେ, ସେମାନଙ୍କର ଲକ୍ଷ୍ୟ ହେଉଛି, ପ୍ରଚଳିତ ସମସ୍ତ ସାମାଜିକ ଅବସ୍ଥାରାଜିର ବୈପ୍ଳବିକ ରୂପାନ୍ତର ।. . . . ଶ୍ରମଜୀବି ଜନତା ନିଜର ଶୃଙ୍ଖଳ ଛଡା ଆଉକିଛି ହରାଇବାର ନାହିଁ । ସେମାନେ ହିଁ ସମୁଦାୟ ବିଶ୍ୱ ଉପରେ ବିଜୟ ଲାଭ କରିବେ । ସବୁଦେଶର ଶ୍ରମଜୀବି ଏକ ହୁଅ" । ଗଣତନ୍ତ୍ରର ପ୍ରବାହକୁ ସୁଦୃଢୀକରଣ କରିବା, ତଥା କ୍ଷମତାକ୍ରୀଡା ସହିତ ଜଡିତ କୌଣସି ପ୍ରକାର ଗୋଷ୍ଠୀକନ୍ଦଳ କିମ୍ବା ଗୋପନ ଷଡଯନ୍ତ୍ରରେ ନିଜେ ଲିପ୍ତ ନହୋଇ ସମାଜର ମୌଳିକ ପରିବର୍ତ୍ତନ ପାଇଁ କମ୍ୟୁନିଷ୍ଟମାନେ ଅଗ୍ରଦର୍ଶୀର ଭୂମିକା ଅବଲମ୍ବନ କରିବେ, ଯାହା ଫଳରେ ଶ୍ରମଜୀବି ଜନସାଧାରଣ ଦିନେ ସ୍ୱସୃଷ୍ଟ ସମ୍ପଦସମୂହ ଉପରେ ବିଜୟ ହାସଲ କରିପାରିବେ । ଏଠାରେ ଇସ୍ତାହାର କମ୍ୟୁନିଷ୍ଟ କି ସେମାନଙ୍କ ଦଳର ବିଜୟ କଥା କହିନି । ମହାଭାରତରୁ ଏକ ଉଦାହରଣ ଦେଇ କହିଲେ, ଶ୍ରମିକଶ୍ରେଣୀ ନିଜେ ହିଁ ଗାଣ୍ଡିବ ଧରି ଯୁଦ୍ଧଚାଳନା କରିବ, ଏବଂ କମ୍ୟୁନିଷ୍ଟ କୃଷ୍ଣ ଭଳି ଶ୍ରମିକଶ୍ରେଣୀର ସାରଥୀ ରୂପେ କାର୍ଯ୍ୟ କରିବ, ସିଂହାସନ ଲାଭ ଆଶାରେ ନୁହେଁ, ଧର୍ମର ଜୟ ପାଇଁ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, Dated 22nd Jan. 2008**